## ସଂକ୍ଷେପରେ

### ଆମ ପୋଲିସର ସଚେତନତା ବୈଠକ

କବିସୂର୍ଯ୍ୟନଗର,୧୧।୧୧(ଡି.ଏନ.ଏ.)- କବିସୂର୍ଯ୍ୟନଗର ବ୍ଲକ ବୁଢ଼ାମ୍ବ ଗ୍ରାମପଞ୍ଚାୟତର ଗୁଡିଆପଲି ଗ୍ରାମ ମଝିଦାଣ୍ଡ ସାହିରେ ଆମ ପୋଲିସ ସମିତିର ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କବିସୂର୍ଯ୍ୟନଗର ଥାନାଧିକାରୀ ପ୍ରଭାତ କୁମାର ସାହୁ ଯୋଗଦେଇ ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା କରିବା ସହ ଅନ୍ଧବିଶ୍ୱାସ କାର୍ଯ୍ୟଠାରୁ ନିବୃତ୍ତ ରହିବା ପାଇଁ ଲୋକଙ୍କୁ ନିବେଦନ କରିଥିଲେ। ସେହିଭଳି ଆମ ପୋଲିସ ସମିତିର ବରିଷ୍ଠ ସଦସ୍ୟ ଜି. ଶମ୍ଭୁଲିଙ୍ଗମ ଆଚାରୀ ମଧ ଯୋଗ ଦେଇଥିବା ବେଳେ ବୃଢ଼ାମ୍ବ ଗ୍ରାମ ସରପଞ୍ଚ ପ୍ରତିନିଧି ଯଜ୍ଞ ପ୍ରସାଦ ପଣ୍ଡା ଯୋଗଦେଇ ଲୋକଙ୍କୁ ସଚେତନ କରାଇଥିଲେ।

### କିଷାନ ଗୋଷ୍ଠୀର କର୍ମଶାଳା

ନୂଆଗଡ଼,୧୧।୧୧-ନୂଆଗଡ଼ ବ୍ଲକ ଅନ୍ତର୍ଗତ ପି.ଅନ୍ତରଡା ଗ୍ରାମ ପଞ୍ଚାୟତର ଜଙ୍ଗଜଙ୍ଗ ଗ୍ରାମଠାରେ ଆତ୍ମା ତରଫରୁ କୃଷି ବୈଷୟିକ ପରିଚାଳନା ସଂସ୍ଥା ଅନ୍ତର୍ଗତ କିଷାନ ଗୋଷ୍ଠୀର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବୈଜ୍ଞାନିକ ସଂଗ୍ରାମ ପରମଗୁରୁ, ଏଏଚଓ ମହେନ୍ଦ୍ର ପ୍ରସାଦ ଦାସ, ପ୍ରାଣୀଧନ ଚିକିତ୍ସକ ଏସ.କେ. ରେଡ୍ଡୀ, ଗୋଷ୍ଠୀ କୃଷି ଅଧିକାରୀ ସେକ୍ ଏହେସାନ, ବିଟିଏମ ଦୀପକ ଗୌତମ ଉପସ୍ଥିତ ରହି ଚାରି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆତ୍ମା ତରଫରୁ ଶିଡ଼ମନି ପ୍ରଦାନ କରାଯାଇଥିଲା। ୧୫ଜଣ ଚାଷୀଙ୍କୁ ମିଠା ମକା ଚାଷ କରିବା ନିମନ୍ତେ, ୮ଜଣଙ୍କୁ ହାଇବ୍ରିଡ଼ ପରିବା ଚାଷ କରିବା ପାଇଁ ତାଲିମ ଦିଆଯାଇଥିଲା।

### ସ୍କୁଲ ପାଇଁ ଦିନଟିଏ

କବିସୂର୍ଯ୍ୟନଗର,୧୧।୧୧(ଡି.ଏନ.ଏ.)-ମୋ ସ୍କୁଲ ଅଭିଯାନ ଆନୁକୂଲ୍ୟରେ କବିସୂର୍ଯ୍ୟନଗର ଏନ୍ଏସି ଗୌଡ଼ ସାହି ପ୍ରାଥମିକ ବିଦ୍ୟାଳୟ -୧୦ରେ ସ୍କୁଲ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଶିକ୍ଷା ଗୋଷ୍ଠୀ ଅଧିକାରୀ ବିଷ୍ଣୁପ୍ରିୟା ନାୟକ, ମୁଖ୍ୟବକ୍ତା ଭାବେ ଏନ୍ଏସି ଅଧକ୍ଷା ଏସ୍. ଲକ୍ଷ୍ମୀ ସେଠୀ, ସମ୍ମାନିତ ଅତିଥି ସମାଜିକ କର୍ମୀ ଜି. ଶମ୍ଭୁଲିଙ୍ଗମ ଆଚାରୀ ଯୋଗ ଦେଇଥିଲେ। ଅନ୍ୟ ଅତିଥି ମଧରେ ଉତ୍ତମ ରଥ, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ନିବେଦିତା ବେହେରା, ରାମନାଥ ମାଝୀ ଓ ସୁଶାନ୍ତ କୁମାର ବେହେରା ଯୋଗ ଦେଇଥିଲେ। ସ୍କୁଲର ବିକାଶ ପାଇଁ ଅତିଥିଗଣ କିଛି ଆର୍ଥିକ ଅନୁଦାନ କରିଛନ୍ତି।

### ମିଲେଟ ମିଶନ ତରଫରୁ ମାଣ୍ଡିଆ ଦିବସ

ରାଇକିଆ,୧୧।୧୧(ଡି.ଏନ.ଏ)- ରାଇକିଆଠାରେ ଗୁରୁବାର ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି। ଜିଲାପରିଷଦ ଉପାଧକ୍ଷ ସାଧବାଣୀ ନାୟକ, ଜିଲା ଅତିରିକ୍ତ କୃଷି ଅଧିକାରୀ ବସନ୍ତ କୁମାର ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇ ଥିଲେ। ମାଣ୍ଡିଆରେ ପୃଷ୍ଟି ଅଧିକା ରହିଥିବା ଯୋଗୁ ସବୁ ବର୍ଗର ଲୋକଙ୍କ ପାଇଁ ଏହା ଅତ୍ୟାବଶ୍ୟକ ଖାଦ୍ୟର ସ୍ଥାନ ନେବାକୁ ଯାଉଛି ବୋଲି ଅତିଥିମାନେ ପ୍ରକାଶ କରିବା ସହ ଏହି ଚାଷର ସରଳ ପ୍ରଣାଳୀ, ଏହାର ବ୍ୟବସାୟିକ ବ୍ୟବସ୍ଥା, ସରକାରୀ ପ୍ରୋତ୍ସାହନ ସମ୍ପର୍କରେ କହିଥିଲେ। ସ୍ୱେଚ୍ଛାସେବୀ ସଂଗଠନ ସ୍ୱାତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାଣ୍ଡିଆ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପରିବେଷଣ କରାଯାଇଥିଲା। ସ୍ୱାତି ସମ୍ପାଦକ ହରି ଶଙ୍କର ରାଉତ, ରାଇକିଆ ବ୍ଲକ ଅତିରିକ୍ତ କୃଷି ଅଧିକାରୀ ସୁଦୀପ୍ତ ପ୍ରଧାନ ଉପସ୍ଥିତି ରହି ମାଣ୍ଡିଆ ଚାଷର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଗିରିଶ ଚନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ହିଞ୍ଜିଳିରୁ ଆନ୍ତଃ ଜିଲା ଗାଡ଼ି ଚୋର ର୍‍ୟାକେଟ ଠାବ

## ୩ ଅଭିଯୁକ୍ତ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର

ପୁରୁଷୋତ୍ତମପୁର,୧୧।୧୧(ଡି.ଏନ.ଏ.)

ପୁରୁଷୋତ୍ତମପୁର ପୋଲିସ ହିଞ୍ଜିଳି ନୂଆଁଗଡ ଶିବ ମନ୍ଦିର ନିକଟରୁ ଏକ ଆନ୍ତଃ ଜିଲା ଗାଡିଚୋର ର୍‍ୟାକେଟକୁ ଠାବ କରିଛି। ଏହି ଘଟଣାରେ ହିଞ୍ଜିଳି ଥାନା ସାହିର ତ୍ରିନାଥ ସାହୁ (୨୨), ଉମାକାନ୍ତ ସାହୁ (୩୪) ଓ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଭୂତସରସିଙ୍ଗିର ବୁଲୁ ଓରଫ କାମରାଜୁ ମୁନୀ(୩୮)ଙ୍କୁ କୋର୍ଟ ଚାଲାଣ କରାଯାଇଛି। ଘଟଣାକୁ ନେଇ ପୁରୁଷୋତ୍ତମପୁର ଏସଡିପିଓ ରଜନୀକାନ୍ତ ସାମଲ ଏବଂ ଆଇଆଇସି ପୀୟୂଷ ରଞ୍ଜନ ଛୋଟରାୟ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ମୋରାବାଇ ଗ୍ରାମର ନିର୍ମଳ ଚନ୍ଦ୍ର ସାହୁଙ୍କ ରାସ୍ତା ନିର୍ମାଣରେ ବ୍ୟବହୃତ ଏକ ରୋଲର ଗାଡି ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ପାଣ୍ଡିଆ ଗ୍ରାମରେ ରଖିଥିବା ବେଳେ ତାହାକୁ ସୋମବାର ମଧ ରାତିରେ ଦୁର୍ବୃତ୍ତମାନେ ଚୋରିକରି ନେଇଯାଇଥିଲେ। ଏଥିନେଇ ଚୋରି ଘଟଣା ସମ୍ପର୍କରେ ସେ ସିସି ଟିଭି ମାଧମରେ ଦେଖି ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ। ନଂ ୬୬୯/୨୨ରେ ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲେ। ଏହି ତଦନ୍ତରେ ସିସିଟିଭିରେ ଗାଡି ଚୋରି ସମୟରେ କଏଦ ହୋଇଥିବା ଟ୍ରକ, ଦୁଇ ଗୋଟି ହାଇଡ୍ରା କ୍ରେଇନ ଓ ବାଇକ୍ ନମ୍ବରକୁ ଯାଞ୍ଚ କରି ଖୋଳତାଡ ଆରମ୍ଭ କରିଥିଲା। ଯାହାକି ହିଞ୍ଜିଳି ସହର ମଧ୍ୟସ୍ଥ ନୂଆଁଗଡରେ ଥିବା ଏକ କବାଡିଆ ଦୋକାନରେ ଏହି ରୋଲରକୁ ବିକ୍ରି କରାଯାଇଥିବାର ପୋଲିସ ସୂଚନା ପାଇଥିଲେ ଓ ସେହି କବାଡି ଦୋକାନୀରେ ଚଢାଉ ବେଳେ ରୋଲରଟିକୁ କାଟି ଖଣ୍ଡ ଖଣ୍ଡ କରି ପକାଇଥିବା ଅବସ୍ଥାରେ ଦେଖିବାକୁ ପାଇ ପୋଲିସ ତାହାକୁ ଜବତ କରିଥିଲା। ଯାହାକି ଗଞ୍ଜାମ ଜିଲାର ପୁରୁଷୋତ୍ତମ ପୁର ସମେତ କବିସୂର୍ଯ୍ୟନଗର, କୋଦଳା, ଚମାଖଣ୍ଡି, ଆସିକା, ରମ୍ଭା, ଗଞ୍ଜାମ ଓ ହିଞ୍ଜିଳି ଥାନା ଅଞ୍ଚଳରୁ ୧୩ ବିଭିନ୍ନ ପ୍ରକାର ଗାଡି ଚୋରି ନେଇ କେସ ହୋଇଛି। ଏହି ଗାଡଗୁଡ଼ିକୁ ଚୋରାଇ ଆଣି ତାହାକୁ ଏଠାରେ କାଟି ଖଣ୍ଡ ଖଣ୍ଡ କରି ବିକ୍ରି କରିବାରେ ଲାଗିଛନ୍ତି। ଏପରିକି ଜିଲା ବାହାରୁ ମଧ କିଛି ଗାଡି ଚୋରାଇ ଆଣିଥିବାର ମଧ ସୂଚନା ମିଳିଛି। ଏହାକୁ ନେଇ ଆହୁରି ଅଧିକ ତଦନ୍ତ ଚାଲିଛି। ଏହି ଚୋରିରେ ବ୍ୟବହୃତ ଦୁଇ ଗୋଟି ହାଇଡ୍ରା କ୍ରେନ (ନଂ ଓଡି ୦୭ ଏଜେ ୭୭୫୫, ଓଡି ୦୭ଏଏନ୦୫୩୫), ମୋଟରସାଇକେଲ (ନଂ ଓଡି ୩୨ଏ୭୮୨୪)କୁ ଜବତ କରିବା ସହ ୩ ଡାଲା ଅଟୋକୁ ଜବତ କରାଯାଇଛି। ବିଭିନ୍ନ ଥାନା ଅଞ୍ଚଳରୁ ଚୋରି ହୋଇଥିବା ବିଭିନ୍ନ ଗାଡିର ବହୁ ଯନ୍ତ୍ରାଂଶ ସହ ଗାଡିଗୁଡିକୁ କାଟିବା ଲାଗି ବ୍ୟବହୃତ କରାଯାଉଥିବା ଗ୍ୟାସକଟର, ଗ୍ୟାସ ସିଲିଣ୍ଡର, ଯନ୍ତ୍ରପାତିକୁ ମଧ ଜବତ କରାଯାଇଛି। ଏହି ଘଟଣାମାନର ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଗିରଫ କରିବା ଲାଗି ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ ଚାଲିଛି।


ଖବରଦାତା ସମ୍ମିଳନୀରେ ଏସଡିପିଓ, ଆଇଆଇସିଙ୍କ ସହ ଅଭିଯୁକ୍ତମାନେ ।

# ଜିଲାପାଳଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା

ଛତ୍ରପୁର,୧୧।୧୧(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପରିଷଦରେ ବିଭିନ୍ନ ଉନ୍ନୟନମୂଳକ କାମର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କିତ ଏକ ସମୀକ୍ଷା ବୈଠକ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଗ୍ରାମୀଣ ଗୃହ ଯୋଜନା, ଗ୍ରାମୀଣ ପାର୍କ, ଗ୍ରାମୀଣ ପୋଖରୀ, ଗ୍ରାମୀଣ ହାଟ, ମିଶନ ଶକ୍ତି, ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ, ରାସ୍ତା ଏବଂ ସ୍କୁଲ ମରାମତି ଓ ସ୍ୱାସ୍ଥ୍ୟ ସେବା ଆଦି ସମୀକ୍ଷା କରିବା ସହ ଯୋଜନା ଗୁଡିକର ଲକ୍ଷ୍ୟ ପୂରଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଗଞ୍ଜାମ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭି.କୀର୍ତ୍ତି ଭାସନ, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ନିର୍ବାହୀ ଯନ୍ତ୍ରୀ ଇଂ.ମନୋଜ କୁମାର ବେହେରାଙ୍କ ସମେତ ସମସ୍ତ ବିଡିଓ ଓ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ ।

# ଗଞ୍ଜାମରେ ଚିହ୍ନଟ ହେବେ ୨ହଜାର କଳାକାର


କଳାକାରମାନେ ପଶୁମୁଖା ନୃତ୍ୟ ପରିବେଷଣ ପାଇଁ ପ୍ରସ୍ତୁତ ହେଉଛନ୍ତି।

ଭଞ୍ଜନଗର,୧୧।୧୧(ଡି.ଏନ୍.ଏ.)

ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଗଞ୍ଜାମ ଜିଲାରେ ୨୦୦୦ ନୂତନ କଳାକାର ଭତ୍ତା ପାଇବେ। ତେଣୁ ଜିଲାର ସମସ୍ତ ୨୨ଟି ବ୍ଲକରେ କଳାକାର ଚୟନ ପ୍ରକ୍ରିୟା ଚାଲିଛି। ଜିଲାରେ କଳାକାର ଭତ୍ତା ପାଇଁ ଯୋଗ୍ୟ ମୋଟ ୨୦୦୦ ହିତାଧିକାରୀ ଚିହ୍ନଟ ହେବାକୁ ଥିବା ବେଳେ ୭୨୦୦ ଆବେଦନ ଆସିଛି। ତେଣୁ ବିଭିନ୍ନ ବ୍ଲକ ଚୟନ କମିଟି ସମ୍ମୁଖରେ କଳାକାରମାନେ ନିଜ ନିଜର କଳା ପ୍ରଦର୍ଶନ କରୁଛନ୍ତି। ଶୁକ୍ରବାର ଭଞ୍ଜନଗର ବ୍ଲକରେ କଳାକାର ଚିହ୍ନଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ସମୟରେ ବ୍ଲକ ଅଧକ୍ଷ ନରିସଭା ନାୟକ, ଏବିଡିଓ, ବ୍ଲକ କଳାକାର ସଂଘ ଉପସଭାପତି ଜଗଦୀଶ ପାଣିଗ୍ରାହୀ, ନାରାୟଣ ମହାରଣା, ପ୍ରଧାନ ଶିକ୍ଷକ ସନ୍ତୋଷ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସେହପରି ଦୁଇଦିନ ହେଲା ବେଲଗୁଣ୍ଠା ବ୍ଲକରେ କଳାକାର ଚିହ୍ନଟ ଶିବିର ହୋଇଛି। ବ୍ଲକ ଅଧକ୍ଷ ପ୍ରଶାନ୍ତ ନାୟକ ପ୍ରମୁଖଙ୍କ ଉପସ୍ଥିତିରେ ହିତାଧିକାରୀ ଚିହ୍ନଟ ହୋଇଛନ୍ତି।

# କୃଷକ ପଞ୍ଜୀକରଣ ଅବଧି ବୃଦ୍ଧି ନେଇ ଦାବିପତ୍ର

ଆର.ଉଦୟଗିରି/ନୂଆଗଡ଼:୧୧।୧୧(ଡି.ଏନ.ଏ.)

ଆର.ଉଦୟଗିରି, ମୋହନା ଓ ନୂଆଗଡ଼ ଶ୍ରମଜୀବୀ ଏକତା ମଞ୍ଚ ପକ୍ଷରୁ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ନିୟମ ଅନୁସାରେ ପ୍ରତ୍ୟେକ ଚାଷୀ ଓଡିଶା ସଫଳ ଚାଷୀ ପୋର୍ଟାଲରେ ନାମ ପଞ୍ଜୀକରଣ କରିବେ। ଆର. ଉଦୟଗିରି ଓ ମୋହନା ବ୍ଲକ୍‌ର ଅନେକ ଚାଷୀ ଏ ଯାଏ ପଞ୍ଜୀକୃତ ହୋଇନାହାନ୍ତି। ଅନେକ ଚାଷୀ ଏହା ସମ୍ପର୍କରେ ଜାଣିନାହାନ୍ତି। ଯାହାଦ୍ୱାରା ସେମାନେ ସରକାରୀ ସହାୟତାରୁ ବଞ୍ଚିତ ହେବେ। ତେଣୁ ପଞ୍ଜୀକରଣ ଅବଧି ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ବୃଦ୍ଧି କରିବା, ପ୍ରତ୍ୟେକ ଗ୍ରାମରେ ଚାଷୀଙ୍କୁ ସଚେତନ କରିବା, ଯେଉଁ ଗାଁଗୁଡ଼ିକରେ ନେଟୱାର୍କ ସୁବିଧା ନାହିଁ ସେଠାର ଅଫ ଲାଇନରେ ପଞ୍ଜୀକରଣ ବ୍ୟବସ୍ଥା କରିବା ପାଇଁ ଦାବି ହୋଇଛି। ଏହା ସହ ଅନେକ ଗ୍ରାମର ପାନୀୟ ଜଳ ଯୋଗାଣ, ରାସ୍ତା ନିର୍ମାଣ ଆଦି ଦାବି କରାଯାଇଛି। ଦୁଇ ବ୍ଲକରେ ବିଡ଼ିଓଙ୍କ ଅନୁପସ୍ଥିତିରେ ମୁଖ୍ୟ କିରଣିଙ୍କୁ ଦାବିପତ୍ର ପ୍ରଦାନ କରାଯିବା ସହ ଏହାର ନକଲ ବ୍ଲକ କୃଷି କାର୍ଯ୍ୟାଳୟରେ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ମୋହନା ବ୍ଲକର ଗୀତା ଦୋରା, ଆଶିଷ ବେହେରା, ତାରିଣି ପାଇକ, ସୀମାଞ୍ଚଳ ନାୟକ, ଏ. ମାଣିକ ରଇତ, ଅଭିମନ୍ୟୁ ପାଇକ ଓ ସୁରେନ୍ଦ୍ର ରଇତଙ୍କ ସମେତ ବ୍ଲକ୍ କମିଟି ଓ ପଞ୍ଚାୟତ କମିଟି ମେମ୍ବରମାନେ ଉପସ୍ଥିତ ଥିଲେ। ସେହିପରି ନୂଆଗଡ଼ ବ୍ଲକ ବିଡିଓ ଅନୁପ ଅଭିଷେକ ବେହେରା, କୃଷି ବିଭାଗର ବିଟିଏମ ଦୀପକ ଗୌତମ ଏବଂ ସହକାରୀ ଉଦ୍ୟାନ ଅଧିକାରୀ ମହେନ୍ଦ୍ର ପ୍ରସାଦ ଦାସଙ୍କୁ ଓଡ଼ିଶା ଶ୍ରମଜୀବୀ ଏକତା ଅଭିଯାନର କୃଷକମାନେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକ ପତ୍ର ପ୍ରଦାନ ସମୟରେ ଶ୍ରମଜୀବୀ ଏକତା ଅଭିଯାନ ବ୍ଲକ ସଂଯୋଜକ ସୁଶାନ୍ତ କୁମାର ପଟ୍ଟନାୟକଙ୍କ ସମେତ ଜନସାଥି ଦିଗମ୍ବର ରଇତ, ଆୟୁବ ମଣ୍ଡଳ, ଡେବିଡ ରଇତ ଓ ଯୋଷିଏଲ ରଇତ ଉପସ୍ଥିତ ଥିଲେ।



ନୂଆଗଡ଼ ବ୍ଲକ ଓଡ଼ିଶା ଶ୍ରମଜୀବୀ ଏକତା ଅଭିଯାନ ପକ୍ଷରୁ ସ୍ମାରକପତ୍ର ପ୍ରଦାନ।

# ବ୍ୟାଙ୍କରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ

ଭଞ୍ଜନଗର,୧୧।୧୧(ଡିଏନଏ)

ଭଞ୍ଜନଗର ଓ ବେଲଗୁଣ୍ଠା ସହରରେ ଥିବା ବିଭିନ୍ନ ବ୍ୟାଙ୍କରେ ସୁରକ୍ଷା ଯାଞ୍ଚ କରାଯାଇଥିଲା। ଭଞ୍ଜନଗର ଥାନା ଅଧିକାରୀ ଧୀରେଶ ଦାସଙ୍କ ନେତୃତ୍ୱରେ ବ୍ୟାଙ୍କରେ ମକ ଡ୍ରିଲ କରାଯାଇଥିବା ବେଳେ ବେଲଗୁଣ୍ଠାରେ ଥାନାଧିକାରୀ ପିକେ ସାହୁଙ୍କ ନେତୃତ୍ୱରେ ବିଭିନ୍ନ ବ୍ୟାଙ୍କ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଇଥିଲା।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ଗୋପାଳପୁର,୧୧।୧୧(ଡି.ଏନ.ଏ.)

ଗୋପାଳପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରଙ୍ଗେଇଲୁଣ୍ଡା ବ୍ଲକ ଅଧିନ ଟିକିରୋଡା ଏବଂ ଶାସନପଦର ପଞ୍ଚାୟତରେ ଶୁକ୍ରବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଅଜିତ କୁମାର ଦାଶଙ୍କ ନେତୃତ୍ୱରେ ଟିକିରୋଡା ଗାଁ ନିକଟରେ ଶତାଧିକ ଦଳୀୟ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କ ଓଏସଡ଼ି ଗୋପବନ୍ଧୁ ଦାଶଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ ପଦଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ବ୍ଲକ ଅଧକ୍ଷା ସିଏଚ୍. ଉଷାରାଣୀ, ଡେପୁଟି ମେୟର ଇ. ବିବେକ ରେଡି, ଜିଲା ପରିଷଦ ଉପାଧକ୍ଷା ଏସ. ରାଜେଶ୍ୱରୀ ଦୋରା, ଗଞ୍ଜାମ ଜିଲା ମହିଳା ବିଜେଡି ଉପସଭାନେତ୍ରୀ ବିଷ୍ଣୁପ୍ରିୟା ନାୟକ, ଯୁବନେତା ଏ. ସନ୍ତୋଷ ପାତ୍ର ପ୍ରମୁଖ ସାମିଲ ହୋଇ ଦଳୀୟ ନେତା ଓ କର୍ମୀଙ୍କ ସହ ଦଳୀୟ ପତାକା ଧରି ଉଭୟ ପଞ୍ଚାୟତର ସାହି ସାହି ପରିକ୍ରମା କରିଥିଲେ। ପରବର୍ତ୍ତୀ ସମୟରେ ଶାସନପଦର ପଞ୍ଚାୟତର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉପାଧକ୍ଷା ଅନିତା ମହାକୁଡ଼, ଜିଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ, ବ୍ଲକ ଉପ ସଭାପତି ପ୍ରକାଶ ଚନ୍ଦ୍ର ସାମନ୍ତ, ପୂର୍ବତନ ଜିଲା ପରିଷଦ ସଭ୍ୟ ଡିଲେଶ୍ୱର ରେଡ୍ଡୀ, ବରିଷ୍ଠ ବିଜେଡି ନେତା ରାମହରୀ ପାତ୍ର, ଟିକରଡା ସରପଞ୍ଚ ଅସନ୍ତୁଲୁ ରେଡ୍ଡୀ, ସରପଞ୍ଚ ଦଣ୍ଡପାଣି ବେହେରା ସାମିଲ ଥିଲେ।



ବିଜେଡିର ଜନସମ୍ପର୍କ ପଦଯାତ୍ରା।

# ଆର୍ଏମ୍ସିଏସ୍‌ର ସଭାପତି ଭାବେ ଏସ୍.ଗଜପତି ନିର୍ବାଚିତ

ପାରଳାଖେମୁଣ୍ଡି,୧୧।୧୧(ଡି.ଏନ୍.ଏ.)

ଗଜପତି ଜିଲା ଆର୍ଏମ୍ସିଏସ୍‌ର ସଭାପତି ଭାବେ ବିଜେଡି ସମର୍ଥିତ ପ୍ରାର୍ଥୀ ଏସ.ଗଜପତି ରାଓ ନିର୍ବାଚିତ ହୋଇଛନ୍ତି। ଆଜି ସଭାପତି ନିର୍ବାଚନ ପାଇଁ ଆର୍.ଉଦୟଗିରି ଆଞ୍ଚଳିକ ବାଣିଜ୍ୟ ସମବାୟ ଲିଃ ପାରଳାଖେମୁଣ୍ଡି କମିଟିର ୧୫ ନିର୍ଦ୍ଦେଶକଙ୍କ ମଧ୍ୟରୁ ୧୪ ଭୋଟ ଦେଇଥିଲେ। ସେମାନଙ୍କ ମଧ୍ୟରୁ ଏସ.ଗଜପତି ରାଓଙ୍କୁ ୧୧ଖଣ୍ଡ ଭୋଟ ପଡିଥିବା ବେଳେ ୩ଟି ଭାଜପା ସପକ୍ଷରେ ଯାଇଥିଲା। ଜଣେ ନିର୍ଦ୍ଦେଶକ କୌଣସି କାରଣରୁ ଅନୁପସ୍ଥିତ ରହି ଭୋଟ ପ୍ରକ୍ରିୟାରେ ଭାଗ ନେଇ ନ ଥିଲେ। ଏହି ନିର୍ବାଚନକୁ ଏଆର୍‌ସିଏସ୍‌ର ହରିହର ସେଠ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆର୍ଏମ୍ସିଏସ୍‌ର କର୍ମଚାରୀମାନେ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଗତ ଅକ୍ଟୋବର ୨୩ ରେ ୧୫ ଜୋନ୍‌ର ନିର୍ଦ୍ଦେଶକ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

# ଘୁମୁସର ଗୋ-ପ୍ରଜାତିଙ୍କ ସୁରକ୍ଷା ନିମନ୍ତେ ଦାବି


ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଭଞ୍ଜନଗର,୧୧।୧୧(ଡି.ଏନ.ଏ)

ଗଞ୍ଜାମ ଜିଲାର ଘୁମୁସର ଅଞ୍ଚଳ (ଭଞ୍ଜନଗର ଉପଖଣ୍ଡ)ରେ ବସତି କରି ଆସୁଥିବା ଦେଶୀଗାଈ ଆମ ମାନବ ସମାଜର ଅର୍ଥନୈତିକ, ସାଂସ୍କୃତିକ, ସାମାଜିକ ଓ ଧାର୍ମିକ ଦିଗରେ ବିଶେଷ ଭାଗୀଦାର ହୋଇ ଆସୁଛି। ଏହି ଦେଶୀ ଗାଈ ଯେ କୌଣସି ଜଳବାୟୁ ସହ ଖାପ ଖୁଆଇଲାପରି, ଅଧିକ ପରିଶ୍ରମୀ, ରୋଗ ପ୍ରତିରୋଧକ ଶକ୍ତି କ୍ଷମତା ଥିବା ଗାଈ। ଏହି ଗାଈର କ୍ଷୀରରେ ଔଷଧୀୟ ଗୁଣ ଭରପୁର ରହିଛି। ଉକ୍ତ ଘୁମୁସରି ଗାଈର ସୁରକ୍ଷା ପାଇଁ ଶୁକ୍ରବାର ଏକ କର୍ମଶାଳା ଗାଙ୍ଗପୁରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଖିଳ ଗୋଶାଳା ରାଜ୍ୟ ପ୍ରଭାରି କମଲ ଦାସ ଶର୍ମା ମୁଖ୍ୟଅତିଥି ରୂପେ ଯୋଗ ଦେଇ ଗୋମୁତ୍ର ଆଧାରିତ ଆୟୁର୍ବେଦ ଔଷଧ ତିଆରି ଓ ଗୋ ବିଜ୍ଞାନ ଉପରେ ସମସ୍ତ ଗୋପାଳଙ୍କୁ ମାର୍ଗ ଦର୍ଶନ ଦେଇଥିଲେ। ପୁରୀ ସ୍ଥିତ ଓଡ଼ିଶା ଗୋସେବା ସମିତି ମହର୍ଷି ପ୍ରଦୀପ୍ତ କୁମାର ତ୍ରିପାଠୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଗୋବର ଆଧାରିତ କୁଟୀର ଶିଳ୍ପ ଓ ଦେଶୀ ଗାଈ ଘୁମୁସର ମହତ୍ୱ ଉପରେ ଗୋପାଳଙ୍କୁ ସଚେତନତା କରାଇଥିଲେ। ପଶୁପାଳନ ବିଭାଗର ଅଭିନାଶ ସାହୁ ଯୋଗ ଦେଇ ବିଭାଗ ସହ ଗୋପାଳ ମିଶି ଜନହିତ ଓ ଘୁମୁସର ଗୋପ୍ରଜାତୀ ବିଷୟରେ ଉପସ୍ଥିତ ଘୁମୁସର ଗୋପାଳଙ୍କୁ ବ୍ୟବହାର ଉପରେ ବୁଝାଇଥିଲେ। ରେଞ୍ଜର କୁମର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଙ୍ଗଲରେ ଘୁମସରି ଗୋପାଳ ଚରା ବୁଲା କରି ପାରିବେ ବୋଲି କହିଥିଲେ। ସମିତି ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ସଭାକୁ ପରିଚାଳନା କରିଥିଲେ। ପରିଶେଷରେ ଘୁମୁସର ଗୋ-ପ୍ରଜାତୀ ବିକାଶ ଓ ସଂରକ୍ଷଣ ସୁରକ୍ଷା ସମିତିର ତରଫରୁ ୨୦ ଦାବି ଉପସ୍ଥାପନ କରାଯାଇଥିଲା। ଦାବି ଗୁଡିକ ହେଲା ଅନ୍ୟ ଦୁଧିଳିଆ ସ୍ୱଦେଶୀ ଓ ବିଦେଶୀ ଗୋବଂଶର ଶୁକ୍ରାଣୁକୁ ଘୁମୁସର ଗାଈରେ ପ୍ରୟୋଗ କରିବା ସମ୍ପୂର୍ଣ ବନ୍ଦ କରାଯାଉ। ଘୁମୁସର ଅଞ୍ଚଳରେ ପଶୁପାଳନ ବିଭାଗ ଦ୍ୱାରା ଭ୍ରାମ୍ୟମାଣ ମୋବାଇଲ ହେଲଥ ପରିବହନକୁ ଘୁମୁସର ଗୋପ୍ରଜନ ସମିତିକୁ ପରିଚାଳନା ଦାୟିତ୍ୱ ଦିଆଯାଉ, ଘୁମୁସର ଗୋ-ପ୍ରଜାତୀର ସ୍ୱତନ୍ତ୍ର ଜନଗଣନା ଡାଟାବେସ କରାଯାଉ, ସମସ୍ତ ଘୁମୁସର ଗୋପାଳଙ୍କୁ ଗୁହାଳ ପ୍ରଦାନ କରାଯାଉ, ଗୋଚର ଭୂମିର ଚିହ୍ନଟ ନିରୂପଣ ଓ ଜବରଦଖଲ ମୁକ୍ତ କରିବା ଗୋରୁ ଚରାବୁଲା କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରମୁଖ।

# ହଳଦୀପତ୍ରର ଚାହିଦା, ମିଳୁନି ଠିକ୍ ଦର

## ଦଲାଲଙ୍କ ହାତରେ ହଳଦୀପତ୍ରର ଦର

ଦାରିଙ୍ଗବାଡି,୧୧।୧୧(ଡି.ଏନ.ଏ)

ଆସନ୍ତା ବୁଧବାର ପାଳନ ହେବ ପ୍ରଥମାଷ୍ଟମୀ। ଏହି ପର୍ବ ଓଡ଼ିଶାରେ ବଡ ଧୂମଧାମରେ ପାଳନ ହେଉଥିବା ବେଳେ ବିଶେଷ କରି ଭୁବନେଶ୍ୱର, କଟକ, ବାଲେଶ୍ୱର ସମେତ ବିଭିନ୍ନ ଜିଲାରେ ପାଳନ କରାଯାଉଛି। ତେବେ ଏହି ପର୍ବ ପାଳନ ଅବସରରେ ପିଠା ପ୍ରସ୍ତୁତ ପାଇଁ ହଳଦୀ ପତ୍ରର ଆବଶ୍ୟକ ରହିଛି। ହଳଦୀ ପତ୍ରରେ ପ୍ରସ୍ତୁତ ପିଠା ଦେହ ପାଇଁ ଅତି ସ୍ୱାସ୍ଥ୍ୟକର ହୋଇଥିବା ବେଳେ କନ୍ଧମାଳ ହଳଦୀରେ କୁରକୁମିନ ରହିଛି, ଯାହାକି କ୍ୟାନ୍ସର ଭଳି ରୋଗକୁ ମଧ ପ୍ରତିହତ କରିବାର ଦକ୍ଷତା ରହିଛି ବୋଲି କୁହାଯାଏ। ତେବେ ହଳଦୀପତ୍ର ଅତି ଶସ୍ତା ଦରରେ ଚାଷୀ ବିକ୍ରି କରୁଛନ୍ତି ଏହି ଅଭାବୀ ବିକ୍ରିକୁ ନେଇ ଚାଷୀ ଚିନ୍ତାରେ। ଦାରିଙ୍ଗବାଡି, ରାଇକିଆ ଅଞ୍ଚଳରେ ଦୀର୍ଘ ବର୍ଷ ଧରି ସେ ଏକା ଦର ରହୁଛି। ୧ଶହ ପତ୍ରକୁ ଏକ ବିଡା ବନ୍ଧା ଯାଉଛି ଏବଂ ଏହି ପତ୍ରକୁ ଦଲାଲମାନେ ମାତ୍ର ୧୫ରୁ୨୦ ଟଙ୍କାରେ ବିକ୍ରି କରୁଛନ୍ତି। ଏହାକୁ ଦଲାଲମାନେ ବାହାର ଜିଲାକୁ ନେଇ ଚଢ଼ା ଦରରେ ବିକ୍ରି କରି ଲାଭବାନ ହେଉଥିବା ବେଳେ କନ୍ଧମାଳ ଚାଷୀ ନିଜ ଜମିରେ ପରିଶ୍ରମ କରି ମଧ ଦିନକୁ ମାତ୍ର ୨ ଶହ ରୁ ୩ ଶହ ଟଙ୍କା ରୋଜଗାର କରୁଛନ୍ତି। ସରକାର ଏହାର ଦର ଧାର୍ଯ୍ୟ କରିବା ଜରୁରୀ ବୋଲି କିଛି ଚାଷୀ କହିଛନ୍ତି।


ବିକ୍ରି ଉଦ୍ଦେଶ୍ୟରେ ହଳଦୀପତ୍ର ବନ୍ଧାଯାଉଛି।

# ଆଦିବାସୀ, ବନବାସୀଙ୍କୁ ମିଳିବ ଜଙ୍ଗଲ ଜମି ଅଧିକାର

ଛତ୍ରପୁର,୧୧।୧୧(ଡି.ଏନ.ଏ.)

ଗଞ୍ଜାମ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜଙ୍ଗଲ ଜମି ଅଧିକାର ଜିଲା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଅଧ୍ୟକ୍ଷତା କରିଥିଲେ । ଜଙ୍ଗଲ ଜମିରେ ବସବାସ କରୁଥିବା ଆଦିବାସୀ ଓ ପାରମ୍ପରିକ ବନବାସୀ ପରିବାରଗୁଡିକୁ ଜଙ୍ଗଲ ଜମିର ଅଧିକାର ଦେବା ନେଇ ସରକାରୀ ବ୍ୟବସ୍ଥା ରହିଛି। ଜିଲାର ପାତ୍ରପୁର, ସୋରଡା, ଧରାକୋଟ, ଖଲ୍ଲିକୋଟ, ଜଗନ୍ନାଥପ୍ରସାଦ ଓ ସାନଖେମୁଣ୍ଡି ଅଞ୍ଚଳରେ ବହୁ ଜଙ୍ଗଲ ଜମି ରହିଛି । ଏବେ ସୁଦ୍ଧା ଜିଲାର ୬,୩୪୧ ଆଦିବାସୀ ପରିବାର ଜଙ୍ଗଲ ଜମିର ଅଧିକାର ପାଇଛନ୍ତି । ଏବେ ପାତ୍ରପୁର ବ୍ଲକର ୧୧ଟି ଗାଁର ୧୬୭ ଆଦିବାସୀ ପରିବାରକୁ ଜଙ୍ଗଲ ଜମି ଅଧିକାର ଦେବା ପାଇଁ ସ୍ଥିର ହୋଇଛି। ଅନ୍ୟପକ୍ଷରେ ଶେରଗଡ ବ୍ଲକ କନ୍ଧନୂଆଗଡ ଗ୍ରାମର ୪୨ ଆଦିବାସୀ ପରିବାରକୁ ଦିଆଯାଇଥିବା ଜଙ୍ଗଲ ଜମି ଅଧିକାରରେ କିଛି ତ୍ରୁଟି ନେଇ ବୈଠକରେ ଆଲୋଚନା କରାଯିବା ସହ ପୁନଃ ଡିମାରକେସନ ହୋଇ ସେମାନଙ୍କ ଜମି ଅଧିକାରରେ ପରିବର୍ତ୍ତନ କରାଯିବ ବୋଲି ଜଣାପଡିଛି। ସୋରଡା, ଧରାକୋଟ, ପୋଲସରା,



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ ।

ବେଗୁନିଆପଡା, ଦିଗପହଣ୍ଡି ଓ ପାତ୍ରପୁର ବ୍ଲକର ୪୦ଟି ପଡା ଗ୍ରାମକୁ ରାଜସ୍ୱ ଗ୍ରାମରେ ସାମିଲ କରିବା ପାଇଁ ସ୍ଥିର ହୋଇଛି। ତହସିଲ, ବନବିଭାଗ ଓ ଜିଲା ମଙ୍ଗଳ ବିଭାଗର ତର୍ଜମା ପରେ ଏଥିଲାଗି ପଦକ୍ଷେପ ନିଆଯିବ । ରାଜ୍ୟ ସରକାର ଜଙ୍ଗଲ ଜମି ଅଧିକାର ଆଇନ ସମ୍ବନ୍ଧୀୟ ନୂଆ ଗାଇଡ ଲାଇନ ଲାଗୁ କରିଛନ୍ତି। ଏହାକୁ ଆଧାର କରି ବନ ବିଭାଗ ଘୁମୁସର ଓ ସାଉଥ ଡିମାରକେସନ ଓ ରେକର୍ଡ ସଂଶୋଧନ କରିବା ପାଇଁ ନିର୍ଦ୍ଦେଶ ରହିଛି। ଡିସେମ୍ବର ୧୫ ସୁଦ୍ଧା ସମସ୍ତ କାମ ସାରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ପାତ୍ରପୁର ବ୍ଲକ ତୁମ୍ବା, ବୁରାତଲ ଏବଂ ଆଙ୍କୁଲି ପଞ୍ଚାୟତର ପାହାଡ ଉପରେ ଥିବା ଆଦିବାସୀ ଗାଁଗୁଡିକୁ ଅଗ୍ରାଧିକାର ଭିତ୍ତିରେ କ୍ୟାମ୍ପ ମୋଡରେ ଜିଲା କାର୍ଯ୍ୟାଳୟରୁ ରାଜସ୍ୱ ନିରୀକ୍ଷକ ଓ ଅମିନମାନଙ୍କୁ ପଠାଯାଇ ସମସ୍ତ ପ୍ରକାର ସୁବିଧା କରାଯିବ ବୋଲି ଜିଲାପାଳ କହିଛନ୍ତି।

ଜଙ୍ଗଲ ଜମିରେ ଦୀର୍ଘ ବର୍ଷ ଧରି ବସବାସ କରୁଥିବା ଓ ଦଖଲରେ ରହିଥିବା ଆଦିବାସୀ ଏବଂ ଅନ୍ୟାନ୍ୟ ବର୍ଗ (ପାରମ୍ପରିକ ବନବାସୀ) ଲୋକଙ୍କୁ ଜମିର ଅଧିକାର ଦେବା ଲାଗି ରାଜ୍ୟ ସରକାର ଜଙ୍ଗଲ ଜମି ଅଧିକାର ଆଇନ ୨୦୦୬ କାର୍ଯ୍ୟକାରୀ କରିଛନ୍ତି । ୨୦୦୫ ଡିସେମ୍ବର ୧୩ ତାରିଖ ପୂର୍ବରୁ ଜଙ୍ଗଲ ଜମିକୁ ଦଖଲରେ ରଖିଥିଲେ ଆଦିବାସୀଙ୍କୁ ଏହାର ଅଧିକାର ମିଳିପାରିବ। କିନ୍ତୁ ଅନ୍ୟ ପାରମ୍ପରିକ ବନବାସୀ ୩ ପୁରୁଷ ତଥା ୭୫ ବର୍ଷ ଧରି ଜଙ୍ଗଲ ଜମିକୁ ଦଖଲରେ ରଖିଥିଲେ ଏବଂ ପ୍ରମାଣ ଦାଖଲ କଲେ

### ତ୍ୱରାନ୍ୱିତ ଲାଗି ଜିଲାପାଳଙ୍କ ନିର୍ଦ୍ଦେଶ

ଜଙ୍ଗଲ ଜମି ଅଧିକାର ମିଳିବା ନିୟମ ରହିଛି। ଏଥିପାଇଁ ତହସିଲରେ ହିତାଧିକାରୀ ଆବେଦନ କରିବେ। ଗ୍ରାମ୍ୟସ୍ତରୀୟ ଜଙ୍ଗଲ ଅଧିକାର କମିଟି ନିକଟରେ ଉକ୍ତ ଆବେଦନ ଉପସ୍ଥାପନ କରାଯାଇ ତର୍ଜମା ହେବ। ପରେ ରାଜସ୍ୱ ଓ ଜଙ୍ଗଲ ବିଭାଗ ପକ୍ଷରୁ ଯୁଗ୍ମ ତଦନ୍ତ ହୋଇ ଗ୍ରାମସଭାକୁ ଯିବ । ସେଠାରେ ବୃତ୍ତାନ୍ତ ହେବା ପରେ ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଉପଖଣ୍ଡସ୍ତରୀୟ କମିଟିରେ ଉପସ୍ଥାପନ ହେବ। ପରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ କମିଟ ବୈଠକରେ ବୃତ୍ତାନ୍ତ ନିଷ୍ପତି ଗ୍ରହଣ କରାଯିବ। ବୈଠକରେ ବ୍ରହ୍ମପୁର ଡିଏଫଓ ଅମ୍ଲାନ ନାୟକ ,ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କଲର୍କି, , ଜିଲା ମଙ୍ଗଳ ଅଧିକାରୀ ପରିକ୍ଷିତ ଦାଶ, ଅତିରିକ୍ତ ମଙ୍ଗଳ ଅଧିକାରୀ ଅମୀୟ କୁମାର ମିଶ୍ର, ଅନ୍ତର୍ଯାମୀ କଅଁର, ପାତ୍ରପୁର ବ୍ଲକର ଜିଲା ପରିଷଦ ସଭ୍ୟା ପିଙ୍କି ବଡ଼ମୁଣ୍ଡି ଓ ଯଶୋଦା ଶବର, ସୋରଡା ଜିଲା ପରିଷଦ ସଭ୍ୟ ରାମ ଶବରଙ୍କ ସମେତ ଅନ୍ୟାନ୍ୟ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।

## ଆଜି କ'ଣ କେଉଁଠି

**ବ୍ରହ୍ମପୁର**
- ପକ୍ଷୀ ସୁରକ୍ଷା କାର୍ଯ୍ୟକ୍ରମ। ସ୍ଥାନ-ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ। ସମୟ-ସକାଳ ୬ଟା।

**ଜି. ଉଦୟଗିରି**
- ମୋହାଟ କାର୍ଯ୍ୟକ୍ରମ। ସ୍ଥାନ- ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର। ସମୟ- ପୂର୍ବାହ୍ନ ୧୦ଟା।

# ମେଗା ଚାରାରୋପଣ କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ,୧୧।୧୧

ସରସ୍ୱତୀ ଡିଗ୍ରୀ ବିଦ୍ୟାମନ୍ଦିର ପରିସରରେ ଜାତୀୟ ଶିକ୍ଷା ଦିବସ ଅବସରରେ ଶୁକ୍ରବାର ମେଗା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ ଉପାଦେୟ ଓ ମୂଲ୍ୟବାନ ଚାରାରୋପଣ କରାଯାଇଥିଲା । ମହାବିଦ୍ୟାଳୟର ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ସାମିଲ ହୋଇ ଚାରାରୋପଣ କରିଥିଲେ। ଷ୍ଟେଟ ବ୍ୟାଙ୍କ ପ୍ରାୟୋଜିତ ତଥା ଓଡ଼ିଶା ପରିବେଶ ସମିତି ସହଯୋଗିତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକ ଯୋଗ ଦେଇଥିଲେ। ଷ୍ଟେଟ ବ୍ୟାଙ୍କ ବରିଷ୍ଠ ପ୍ରବନ୍ଧକ କେ.ସି. ସାହୁ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ଉଦ୍ଭିଦ ବିଜ୍ଞାନ ମୁଖ୍ୟ ପ୍ରଫେସର ମଳୟ କୁମାର ମିଶ୍ର, ଓଡ଼ିଶା ପରିବେଶ ସମିତିର ଆଜୀବନ ସଦସ୍ୟ ସୁକାନ୍ତ ପଟ୍ଟନାୟକ, ଓଡ଼ିଶା ପରିବେଶ ସମିତିର ସଦସ୍ୟ ପ୍ରହ୍ଲାଦ ମିଶ୍ର, ପ୍ରଫେସର ବି.ଏସ୍. ପାତ୍ର, ମନୋଜ କୁମାର ପାତ୍ର, ଜିଲା ଇକୋ-କ୍ଲବ୍




ଚାରାରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

ସଂଯୋଜକ ଡ. ଶଙ୍କର ନାରାୟଣ ବେଜ, ଗୋପାଳପୁର ବନ୍ଦରର କନିଷ୍ଠ ଇଞ୍ଜିନିୟର ସିଦ୍ଧାର୍ଥ ରଥ ଓ ସରୋଜ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଇକୋ-କ୍ଲବ୍‌ରୁ ଜଗନ୍ନେଶ୍ୱର କର, ସ୍କାଉଟ୍ ବିଭାଗରୁ ସ୍କାଉଟ୍ ମାଷ୍ଟର ବ୍ରଜକିଶୋର ଦାଶ ଓ ଗାଇଡ୍ ବିଭାଗରୁ ଗାଇଡ୍ କ୍ୟାପଟେନ୍ ପୂର୍ଣ୍ଣିମା ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର ପରିଚାଳନା କମିଟିର ସମ୍ପାଦକ ନାରାୟଣ ପଣ୍ଡା, କୋଷାଧ୍ୟକ୍ଷ ରବିନ୍ଦ୍ରନାଥ ଜେନା, ସଦସ୍ୟ ନୀଳକଣ୍ଠ ସାହୁ, ଉପଦେଷ୍ଟା ନରସିଂହ ଚୌଧୁରୀ, ଉପଦେଷ୍ଟା ହରେକୃଷ୍ଣ ପାଢ଼ୀ, ଅଧ୍ୟକ୍ଷ ଏସ୍.ମୋହନ ରାଓ, ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି, ମହାବିଦ୍ୟାଳୟର ଡିନ୍ ଡ.ବିବେକାନନ୍ଦ ପଣ୍ଡା, ଉଦ୍ଭିଦ ବିଜ୍ଞାନର ବିଭାଗୀୟ ମୁଖ୍ୟ ଡ.ଉମେଶ ସାହୁ, ପ୍ରାଣୀ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ବି ରାଜେନ୍ଦ୍ର ମୂର୍ତ୍ତି ଓ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଏବଂ ଅଧ୍ୟାପିକା ଉପସ୍ଥିତ ଥିଲେ।

### ୩୭, ୩୮ ନଂ. ୱାର୍ଡରେ ବିଜେଡିର ପଦଯାତ୍ରା

ବ୍ରହ୍ମପୁର ଅଫିସ,୧୧।୧୧

ବ୍ରହ୍ମପୁର ମହାନଗରର ୩୭ ଓ ୩୮ ନଂ ୱାର୍ଡରେ ଶୁକ୍ରବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ମେୟର ସଂଘମିତ୍ରା ଦଳେଇ ପଦଯାତ୍ରାର ନେତୃତ୍ୱ ନେଇଥିଲେ। ଗୋପାଳପୁର ନିର୍ବାଚନ ମଣ୍ଡଳୀର ସଂଗଠନ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାସ ଯୋଗ ଦେଇଥିଲେ। ଡେପୁଟି ମେୟର ବିବେକ ରେଡ୍ଡୀ, ବିଜେଡିର ମହିଳା ସଂଗଠନ ଜୋନ ସଭାନେତ୍ରୀ ମମତା ବିଶୋୟୀ, ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ମହାନଗର ମହିଳା ବିଜେଡି ସଭାନେତ୍ରୀ ସୋନାଲି ଗନ୍ତାୟତ, ମହାନଗର ବିଜେଡି ସଭାପତି ବିଜୟ ଚନ୍ଦ୍ର ସାମଲ, ଯୁବ ବିଜେଡି ମହାନଗର ସଭାପତି ଅଜିତ ପଣ୍ଡା, ଦଳର ବରିଷ୍ଠ ନେତା ଜଗନ୍ନାଥ ସାବତ, ଜିଲା ସମବାୟ ସଂଘ ସଭାପତି କୈଳାସ ରଣାଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

### ଜାତୀୟ ଶିକ୍ଷା ଦିବସ ପାଳିତ

ବ୍ରହ୍ମପୁର ଅଫିସ,୧୧।୧୧

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଶୁକ୍ରବାର ସ୍ନାତକୋତ୍ତର ସଭାଗୃହରେ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଏଥିରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଅଧ୍ୟକ୍ଷତା କରିଥିଲେ। କୁଳସଚିବ ପ୍ରଫେସର ଡ଼.ପ୍ରସନ୍ନ କୁମାର ସ୍ୱାଇଁ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ଉପସ୍ଥିତ ଥିଲେ। କୁଳପତି ପ୍ରଫେସର ଦାସ, କୁଳସଚିବ ଡ଼.ସ୍ୱାଇଁ ଓ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ମହାନ୍ତି ବକ୍ତବ୍ୟ ରଖିଥିଲେ। ରାଜନୀତି ବିଜ୍ଞାନ ବିଭାଗୀୟ ସଂଯୋଜକ ଡ଼.ଭାଗୀରଥୀ ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହକାରୀ ଅଧ୍ୟାପକ ଡ଼.ସଞ୍ଜୟ ମେହେର ସହଯୋଗ କରିଥିଲେ।

## ସଂକ୍ଷେପରେ

### ସଚ୍ଚିଦାନନ୍ଦ ରାଜଗୁରୁ ସଭାପତି ନିର୍ବାଚିତ

**ବ୍ରହ୍ମପୁର ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି**

ବ୍ରହ୍ମପୁର ଅଫିସ,୧୧।୧୧: ବ୍ରହ୍ମପୁର ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି (ବିଆର୍‌ଏମସିଏସ)ର ସଭାପତି ନିର୍ବାଚନ



ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଚିକିଟି ନିର୍ବାଚନ ମଣ୍ଡଳୀର ବିଜେଡି ନେତା ସଚ୍ଚିଦାନନ୍ଦ ରାଜଗୁରୁ ତାଙ୍କ ପ୍ରତିଦ୍ୱନ୍ଦୀ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର ସନ୍ତୋଷ ଚୌଧୁରୀଙ୍କୁ ପରାସ୍ତ କରି ନିର୍ବାଚିତ ହୋଇଛନ୍ତି। ସମିତିର ୧୫ ଜୋନ ମଧ୍ୟରୁ ହିଞ୍ଜିଳି ଜୋନରୁ କେହି ନିର୍ଦ୍ଦେଶକ ନିର୍ବାଚିତ ହୋଇ ନାହାନ୍ତି। ଅବଶିଷ୍ଟ ୧୪ ଜୋନରୁ ନିର୍ବାଚିତ ନିର୍ଦ୍ଦେଶକଙ୍କ ମଧ୍ୟରୁ ରାଜଗୁରୁଙ୍କୁ ୧୧ ଭୋଟ ଦେଇଥିବା ବେଳେ ପ୍ରତିଦ୍ୱନ୍ଦ୍ୱି ଚୌଧୁରୀ ମାତ୍ର ୩ଟି ଭୋଟ ପାଇଥିଲେ। ଶୁକ୍ରବାର ସଭାପତି ନିର୍ବାଚନ ବେଳେ ହାଇଡ୍ରାମା ହୋଇଥିଲା। ନିର୍ବାଚିତ ୧୪ ଜଣ ଯାକ ନିର୍ଦ୍ଦେଶକ ବିଜେଡି ସମର୍ଥିତ ହୋଇଥିଲେ ମଧ ସଭାପତି ପଦ ନିମନ୍ତେ ଫାଟ ଦେଖାଦେଇଥିଲା। ବିଦ୍ରୋହି ସାଜିଥିବା ୩ ଜଣଙ୍କୁ ମନାଇବା ପ୍ରୟାସ ବିଫଳ ହୋଇଥିଲା। ଚିକିଟି ବିଧାୟିକା ତଥା ମନ୍ତ୍ରୀ ଉଷା ଦେବୀ , ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ତଥା ଜିଲା ବିଜେଡି ସଭାପତି ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ରାଜ୍ୟ ସମ୍ପାଦକ ସୁବାସ ଚନ୍ଦ୍ର ମହାରଣା, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ସମବାୟ ସଂଘ ଜିଲା ସଭାପତି କୈଳାସ ରଣାଙ୍କ ସମେତ ଅନେକ କର୍ମୀ ଓ ନେତା ସେଠାରେ ଡ଼େରା ପକାଇଥିଲେ। ନିର୍ଦ୍ଧାରିତ ସମୟରେ ମନ୍ତ୍ରୀ ଓ ଅନ୍ୟମାନେ ସଭାପତି ପ୍ରାର୍ଥୀ ରାଜଗୁରୁଙ୍କ ସହିତ ହିଲପାଟଣାସ୍ଥ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ପ୍ରାର୍ଥୀପତ୍ର ଦାଖଲ କରାଯାଇଥିଲା। ସମସ୍ତ ୧୪ ନିର୍ଦ୍ଦେଶକ ମତଦାନ କରିଥିବାରୁ ଗଣତି ପରେ ଫଳାଫଳ ଘୋଷଣା ହୋଇଛି।

### ୩ ବଖରା ଜଳିଗଲା

ବୁଗୁଡା,୧୧।୧୧(ଡି.ଏନ.ଏ.)-ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଲିଆ ଗ୍ରାମର ଗଳିସାହିରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ଆଶାଲତା ପ୍ରଧାନ, ରେଣୁ ଜେନା ଓ ଟୁନି ପ୍ରଧାନଙ୍କ ଗୋଟିଏ ଲେଖାଏ ବଖରା ଜଳିଯାଇଛି। ଏଥି ସହିତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପାଉଁଶ ହୋଇଯାଇଛି। ବୁଗୁଡ଼ା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇଥିଲେ। ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ ଯାଇ ପରିସ୍ଥିତି ଅନୁଧ୍ୟାନ କରି ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବୁଗୁଡା ରାଜସ୍ୱ ନିରୀକ୍ଷକ ଜିତେନ୍ଦ୍ର କୁମାର ସାହୁ କ୍ଷତିଗ୍ରସ୍ତ ପରିବାରକୁ ପାଲ ଯୋଗାଇଥିଲେ।

# ଆକ୍ରମଣ ମାମଲା: ୨ ଅଭିଯୁକ୍ତଙ୍କୁ ଜରିମାନା

ବ୍ରହ୍ମପୁର ଅଫିସ,୧୧।୧୧

ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଏସିଜେଏମ)ଅନୁପମ ପାତ୍ର ଏକ ଆକ୍ରମଣ ମାମଲାର ଶୁଣାଣି କରି ୨ ଅଭିଯୁକ୍ତଙ୍କୁ ୧୦ ହଜାର ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ଜରଡ଼ା ଥାନା ଅନ୍ତର୍ଗତ ସାମନ୍ତରାପୁର ଗ୍ରାମର ହରି ପ୍ରଧାନ ଓ ବିଭୂ ପ୍ରଧାନ। ଜରିମାନା ଅନାଦାୟେ ଅତିରିକ୍ତ ୭ ମାସ ଲେଖାଏ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୭ ଜୁଲାଇ ୨୭ ତାରିଖରେ ସାମନ୍ତରାପୁରର ଶ୍ରୀବସ୍ତ ପ୍ରଧାନ ନିଜ ଜମିରେ କାମ କରୁଥିବା ବେଳେ ତାଙ୍କ ଗ୍ରାମର ହରି ପୂର୍ବ ଶତ୍ରୁତାରୁ ଆକ୍ରମଣ କରିଥିଲେ। ପରେ ତାଙ୍କ ପୁଅ ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ ଲୁହାଛଡ଼ରେ ହରି ଓ ବିଭୁ ଆକ୍ରମଣ କରିଥିଲେ। ଏନେଇ ଜରଡ଼ା ଥାନାରେ ଶ୍ରୀବସ୍ତଙ୍କ ଅଭିଯୋଗ ପୋଲିସ ୧୨୭/୧୭ରେ ମାମଲା ରୁଜୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଉଭୟ ଅଭିଯୁକ୍ତ ହାଇକୋର୍ଟରୁ ଜାମିନରେ ଛାଡ ପାଇଥିଲେ। ଶୁକ୍ରବାର ଏହି ମାମଲାର ବିଚାର ବେଳେ ୨ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଏସିଜେଏମ ରାୟ ଶୁଣାଇଛନ୍ତି।

# ବାଳସୁଧାର ଗୃହ ମହିଳା କର୍ମଚାରୀଙ୍କୁ ନିର୍ଯାତନା

ବ୍ରହ୍ମପୁର ଅଫିସ,୧୧।୧୧

ବ୍ରହ୍ମପୁର ଜରଡ଼ା ବଙ୍ଗଳା ରାସ୍ତାରେ ଥିବା ବାଳସୁଧାର ଗୃହରେ ଜଣେ ମହିଳା କର୍ମଚାରୀଙ୍କୁ ମାନସିକ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ଜିଲା ପ୍ରଶାସନ ଏହି ଅଭିଯୋଗର ତଦନ୍ତ ଆରମ୍ଭ କରିଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ(ଡିଏସଡବ୍ଲ୍ୟୁଓ)ଙ୍କ ନେତୃତ୍ୱରେ ଗଠିତ ୫ଜଣିଆ ଟିମ୍ ବାଳ ସୁଧାର ଗୃହକୁ ଯାଇ ପୁଙ୍ଖାନୁପୁଙ୍ଖ ତଦନ୍ତ କରିଛନ୍ତି। ଏଥିସହିତ ଅଭିଯୋଗକାରିଣୀଙ୍କ ସମେତ ଅନ୍ୟମାନଙ୍କର ମଧ୍ୟ ବୟାନ୍ ରେକର୍ଡ଼ କରାଯାଇଛି। ମହିଳା କର୍ମଚାରୀ ଜଣଙ୍କୁ ଗତ କିଛି ମାସ ତଳେ ଜଣେ ପୁରୁଷ କର୍ମଚାରୀ ବିଭିନ୍ନ କାରଣକୁ ନେଇ ମାନସିକ

### ଡିଏସ୍‌ଡବ୍ଲ୍ୟୁଓଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ

ନିର୍ଯାତନା ଦେଇଥିଲେ। ବାରମ୍ବାର ନିର୍ଯାତନାର ଶିକାର ହେବାରୁ ମହିଳା ଜଣକ ତାଙ୍କ ସ୍ୱାମୀଙ୍କ ସହିତ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ୍‌ଙ୍କ ନିର୍ଦ୍ଦେଶକ୍ରମେ ଏକ ତଦନ୍ତକାରୀ ଦଳ ଗଠନ କରାଯାଇଥିଲା। ଡିଏସଡବ୍ଲ୍ୟୁଓ ଶୁଭଶ୍ରୀ ପାତ୍ରଙ୍କ ନେତୃତ୍ୱରେ ୫ଜଣିଆ ଟିମ୍ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ଡିଏସଡବ୍ଲ୍ୟୁଓ କହିଛନ୍ତି, ବର୍ତ୍ତମାନ ତଦନ୍ତ ଜାରି ରହିଛି। ତଦନ୍ତ ସରିବା ପରେ ଜିଲାପାଳଙ୍କ ନିକଟରେ ରିପୋର୍ଟ ଦାଖଲ କରାଯିବ।




ବାଳ ସୁଧାର ଗୃହ।

# ଭାଗନେବେ ଗଞ୍ଜାମର ୨୨ ପ୍ରତିଯୋଗୀ



ଗଞ୍ଜାମ ଜିଲା ମହିଳା ଓ ପୁରୁଷ ଖୋଖୋ ପ୍ରତିଯୋଗୀ।

ବ୍ରହ୍ମପୁର ଅଫିସ,୧୧।୧୧

ଆସନ୍ତା ରବିବାରରୁ ୧୫ ତାରିଖ ପର୍ଯ୍ୟନ୍ତ ପୁରୀ ଜିଲା ସ୍କୁଲ ଠାରେ ଆନ୍ତଃ ଜିଲା ମହିଳା ଓ ପୁରୁଷ ଖୋଖୋ ପ୍ରତିଯୋଗୀତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗୀତା ନିମନ୍ତେ ଗଞ୍ଜାମ ଜିଲା ପକ୍ଷରୁ ୧୨ ମହିଳା ଓ ୧୨ ପୁରୁଷ ଖୋଖୋ ପ୍ରତିଯୋଗୀ ମନୋନୀତ

### ଆନ୍ତଃଜିଲା ଖୋଖୋ ପ୍ରତିଯୋଗିତା

ହୋଇଛନ୍ତି। ମହିଳା ପ୍ରତିଯୋଗୀଙ୍କ ମଧ୍ୟରେ ଟି.ପୁଜା, ଏସ.ରୁକ୍ମଣୀ, କେ.ମୋନିକା, ଜି.ନନ୍ଦିନୀ, ଜି.ଇନ୍ଦୁ, ଡ଼ି.ଶାନ୍ତି, ଗୌରୀ ନାୟକ, ଡ଼.ଭବାନୀ, ପ୍ରଶ୍ନବାଚୀ ସେଠୀ, ସ୍ମରଣୀକା ନାୟକ, ରୁବିତା ମଣ୍ଡଳ, ରାଜମଣି ରଥ ରହିଛନ୍ତି। ସେହିପରି ପୁରୁଷ ପ୍ରତିଯୋଗୀମାନେ ହେଲେ ଟି.ହେମନ୍ତକୁମାର, ଟି.ଶଙ୍କର, ଟି. ଗୌତମ, ଟି.ଲେକେଶ, ଡ଼ି.ରବି, ଜି.ଶଙ୍କର, ଟି.ଚିଣ୍ଟୁ, ୱାଇ ସୁରେଶ, ପି.କୁମାର ସ୍ୱାମୀ, ପି.ନିରଞ୍ଜନ, ମନୁଦୟା ସିଂ ଓ ହରିକୃଷ୍ଣ ଦୋରା। ପ୍ରତିଯୋଗୀତା ନିମନ୍ତେ ଶନିବାର ସକାଳୁ ଗଂଜାମ ଜିଲା ମହିଳା ଓ ପୁରୁଷ ପ୍ରତିଯୋଗୀ ମାନେ ପୁରୀ ଅଭିମୁଖେ ଯାତ୍ରା କରିବେ। ପ୍ରତିଯୋଗୀଙ୍କ ସହ ଟିମ ମ୍ୟାନେଜର ଭାବେ ଚତୁର୍ଭୁଜ ତ୍ରିପାଠୀ, କୋଚ ଭାବେ ମାଳତୀ ତ୍ରିପାଠୀ, ମଧୁସୂଦନ ବେହେରା ମଧ୍ୟ ଆନ୍ତଃ ଜିଲା ଖୋଖୋ ପ୍ରତିଯୋଗୀତା ନିମନ୍ତେ ଯାତ୍ରା କରୁଛନ୍ତି। ଏନେଇ ଶୁକ୍ରବାର ଗଞ୍ଜାମ ଜିଲା କ୍ରୀଡ଼ା ସାଂସଦ ପକ୍ଷରୁ ସମ୍ପାଦକ ଅଶୋକ ସାହୁ ଓ ଅନ୍ୟମାନେ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

bmpselfie@gmail.com



@ ଶିବରାମ



@ ପିଙ୍କି



@ ବାବୁନି



@ ଦେବାଶିଷ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

